Pragativadi

ଆଇଆଇଟିର ୮ମ ସମାବର୍ତ୍ତନ ଉତ୍ସବ

# ଇସ୍ରୋ ଅଧ୍ୟକ୍ଷ ଯୋଗଦେବେ




• ଜଟଣୀ,ପିଏନଏସ

ଇଣ୍ଡିଆନ୍ ଇନିଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜି (ଆଇଆଇଟି)ର ୮ମ ସମାବର୍ତ୍ତନ ଉତ୍ସବ ଶନିବାର ପୂର୍ବାହ୍ନ ୧୧ ଟା ସମୟରେ ଅରଗୁଳ ସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ଅନୁଷ୍ଠିତ ହେବ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର୍ ଆର୍ ଭି ରାଜା କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବର୍ତ୍ତନ ଉତ୍ସବରେ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ତଥା ବୈଜ୍ଞାନିକ ଡାକ୍ଟର କେ. ସିବନ୍ ଯୋଗ ଦେଇ ଚନ୍ଦ୍ରାୟନ-୨ ସମ୍ବନ୍ଧୀୟ ବିଶେଷ ବିବରଣୀ ସହିତ କୃତି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପଦକରେ ପୁରସ୍କୃତ କରିବେ ବୋଲି, ଶୁକ୍ରବାର ମଧ୍ୟାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର୍ ଆର୍ ଭି ରାଜା କୁମାର ସୂଚନା ଦେଇଥିଲେ। ଶନିବାର ୮ମ ସମାବର୍ତ୍ତନ ଉତ୍ସବ ଅବସରରେ କମ୍ୟୁନିଟି ହଲ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇନିଷ୍ଟିଚ୍ୟୁଟର ପିଏଚଡ଼ିର ୩୨ ଛାତ୍ରଛାତ୍ରୀ, ଏମଟେକରେ ୧୦୫, ଏମଏସି-୬୭ ଏବଂ ବିଟେକରେ ୧୫୨ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପଦକରେ ପୁରସ୍କୃତ କରାଯିବ। ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକରେ କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂ ବିଭାଗ ବିଟେକ୍ ବ୍ୟାଚର ଛାତ୍ର ସ୍ରୋହନ୍ ମହାପାତ୍ର, ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକରେ ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକଚର ଏମଟେକ ଛାତ୍ର ରାହୁଲ୍ ଦାସ, ସ୍କୁଲ୍ ଅଫ୍ ବେଶିକ୍ ସାଇନ୍ସ ଏମଏସି ବ୍ୟାଚର କେମେଷ୍ଟି ଛାତ୍ର ଅନୁଭବ ନାଥ ଏବଂ ଇନିଷ୍ଟିଚ୍ୟୁଟ ପକ୍ଷରୁ ରୌପ୍ୟ ପଦକରେ ଛାତ୍ର ସ୍ରୋହନ ମହାପାତ୍ର, ଇନ୍ଦିରା ସିଂ ଧାକଡ୍, ଗୌରବ ବିଶାଲ୍, ଚୌଧୁରୀ ହୃଷିକେଶ ଉମେଶ ଏବଂ ଛାତ୍ରୀ ଗୋନୁ ଗୁନ୍ତଲା ନିହାରିକା ପ୍ରମୁଖ ବିଟେକ୍ ବ୍ୟାଚର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ। ସେହିପରି ଏହି ପଦକରେ ଏମଟେକ ବ୍ୟାଚର ଛାତ୍ର ରାହୁଲ ଦାସ, ଅଭିଷେକ ପରିଡ଼ା, ଅନନ୍ତ ଦତ, ପି ଅଭିଷେକ୍, ସ୍ୱନ୍ଦନ ଦେ ଏବଂ ଛାତ୍ରୀ ଶ୍ରୀଜା ମୁର୍ଖାର୍ଜୀଙ୍କ ନାମ ରହିଥିବାବେଳେ ଏମଏସି ବ୍ୟାଚର ଛାତ୍ର ଅନୁଭବ ନାଥ, କୌଶିକ ନାଗେଶ୍ୱର ଜୈଶ୍ୱାଲ, ସୁଜୟ ନନ୍ଦୀ ଓ ଛାତ୍ରୀ ସର୍ମିଷ୍ଠା ଦେଙ୍କ ନାମ ରହିଥିବା ନିର୍ଦ୍ଦେଶକ କହିଥିଲେ। ଉକ୍ତ କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ନିର୍ଦ୍ଦେଶକଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଚଳିତ ଶିକ୍ଷା ବର୍ଷରେ ଉକ୍ତ ଇନିଷ୍ଟିଚ୍ୟୁଟରେ ମୋଟ ୨୧୩୩ ଜଣ ଛାତ୍ରଛାତ୍ରୀ ରହିଥିବା ନିର୍ଦ୍ଦେଶକ କହିଛନ୍ତି। ବିଗତ ଦିନରେ ଭାରତ ସରକାର ଏସିଆ ମହାଦେଶରୁ ଯେଉଁ ୧ ହଜାର ଛାତ୍ରଛାତ୍ରୀ ପିଏଚଡ଼ି ଡିଗ୍ରୀ ହାସଲ କରିବା ପାଇଁ ଆହ୍ୱାନ କରିଥିଲେ। ଏହାକୁ ଏହି ଆଇଆଇଟି ପୂରଣ କରିବା ପାଇଁ ପ୍ରସ୍ତୁତ ରହିଛି ବୋଲି ନିର୍ଦ୍ଦେଶକ ସୂଚନା ଦେଇଥିଲେ। ଏଥିରେ ଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୧୭.୬ ଶତକଡ଼ା ସିଟ୍ ରିଜର୍ଭସନ କରାଯାଇଛି ବୋଲି କହିଥିଲେ।